# NATIONAL NEWS BULLETIN (ODIA)

**18 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବ୍ରାଜିଲ୍‌ରେ ଆଜିଠାରୁ ଆରମ୍ଭ ହେବାକୁଥିବା ୧୯ତମ ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- କେନ୍ଦ୍ର ସରକାରଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଜନାରେ ୧୦ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ସାମିଲ
- ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନିମନ୍ତେ ଆଜି ଶେଷ ହେଉଛି ପ୍ରଚାର
- ଭାରତ-ନେପାଳ ସୀମା ସୁରକ୍ଷା ସଂପର୍କିତ ଉଚ୍ଚସ୍ତରୀୟ ବୈଠକ ଆରମ୍ଭ

ଏବଂ

- ଜି.ଟି. ଓପନ୍ ଲୁକ୍‌ଜମ୍‌ବର୍ଗରେ ଚାଲିଥିବା ତୀର ଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଲେ ଜ୍ୟୋତି ସୁରେଖା ଭେନମ୍

---

## ବ୍ରାଜିଲ-ଜି-୨୦ ସମିଟ୍

ବ୍ରାଜିଲର ରିଓ ଡି' ଜେନେରିଓ ସ୍ଥିତ ମ୍ୟୁଜିଅମ୍ ଅଫ୍ ମଡର୍ଣ୍ଣ ଆର୍ଟରେ ଆଜିଠାରୁ ୧୯ତମ ଜି-୨୦ ଶିଖର ସମ୍ମିଳନୀ ଆରମ୍ଭ ହେବ । ଏଥିରେ ସଦସ୍ୟ ରାଷ୍ଟ୍ର ମୁଖ୍ୟ ଏବଂ ଅନ୍ତର୍ଜାତୀୟ ସଂଗଠନର

ପ୍ରତିନିଧିମାନେ ଅଂଶ ଗ୍ରହଣ କରି ଚଳିତବର୍ଷର ଘୋଷଣା ଗୁଡ଼ିକ ଉପରେ ବିଚାର ବିମର୍ଶ କରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛି ଘଣ୍ଟା ପୂର୍ବରୁ ରିଓ ରେ ପହଞ୍ଚିବା ପରେ ସେଠାରେ ବସବାସ କରୁଥିବା ଭାରତୀୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସୂଚନା ଅନୁଯାୟୀ ବ୍ରାଜିଲରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୪ରୁ ୫ ହଜାର ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସେମାନଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ଦେଖାଦେଇଥିଲା ।

ପ୍ରଧାନମନ୍ତ୍ରୀ ଆଜିଠାରୁ ଆରମ୍ଭ ହେବାକୁ ଥିବା ୧୯ତମ ଜି-୨୦ଶିଖର ସମ୍ମିଳନୀରେ ଅଂଶ ଗ୍ରହଣ କରିବା ଲାଗି ସେଠାରେ ପହଞ୍ଚିଛନ୍ତି । ଚଳିତବର୍ଷ ଜି-୨୦ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି **ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ବିଶ୍ୱ ଗଠନ ।** ଏହି ଦୁଇଦିନିଆ ଅଧିବେଶନର ପ୍ରଥମ ଦିନରେ କ୍ଷୁଧା ଏବଂ ଦାରିଦ୍ର୍ୟ ଉପରେ ବିଶ୍ୱ ମେଣ୍ଟ ସଂପର୍କିତ ଆଲୋଚନା ହେବ । ଦ୍ୱିତୀୟ ଅଧିବେଶନରେ **ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର** ଶୀର୍ଷକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।
ବ୍ରାଜିଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନୀ ଅଧିବେଶନରେ ସମ୍ବୋଧନ କରିବାର ସମ୍ଭାବନା ରହିଛି । ତେବେ ଜି-୨୦ ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱର ପ୍ରମୁଖ ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

## ଆୟୁଷ୍ମାନ ହେଲ୍‌ଥ କାର୍ଡ

କେନ୍ଦ୍ର ସରକାର କିଛିଦିନ ପୂର୍ବରୁ ଆରମ୍ଭ କରିଥିବା **ଆୟୁଷ୍ମାନ ବୟ ବନ୍ଦନା କାର୍ଡ** ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୭୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୧୦ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଏହି କାର୍ଡ ଜରିଆରେ ବରିଷ୍ଠ ନାଗରିକମାନେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପାଇପାରିବେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଏହି ସୁବିଧା ପ୍ରଦାନ କରାଯାଉଛି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭିଯାନ ଆରମ୍ଭ ହେବାର ୩ ସପ୍ତାହ ମଧ୍ୟରେ ୧୦ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ପଞ୍ଜୀକରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଅକ୍ଟୋବର ମାସ ୨୯ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

ସୂଚନା ଅନୁଯାୟୀ ୪ଲକ୍ଷ ମହିଳା ଏହି କାର୍ଡ ପାଇଁ ଆବେଦନ କରିଛନ୍ତି । ଅନ୍ୟପକ୍ଷରେ ବୟସ୍କଙ୍କ ଲାଗି ଏହି ଯୋଜନା ଆରମ୍ଭ ହେବା ପରଠାରୁ ୭୦ ବର୍ଷ ବୟସରୁ ଅଧିକ ୪ ହଜାର ୮୦୦ ବରିଷ୍ଠ ନାଗରିକଙ୍କୁ ୯ କୋଟି ଟଙ୍କାର ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ୧ ହଜାର ୪୦୦ ଜଣ ମହିଳା ଅଛନ୍ତି ।

ଏହି କାର୍ଡ ଜରିଆରେ ବୟସ୍କ ବ୍ୟକ୍ତିମାନେ ଆଞ୍ଜିଓପ୍ଲାଷ୍ଟି, ଅସ୍ଥିଶଲ୍ୟ ଚିକିତ୍ସା, ପିତ୍ତକୋଷ ବାହାର କରିବା, ଆଖି ଅପରେସନ, ପ୍ରୋଷ୍ଟେଟ୍ ଅପରେସନ ଏବଂ ହୃଦ୍‌ଘାତ ଜନିତ ରୋଗର ଚିକିତ୍ସା ଲାଭ ପାଇଛନ୍ତି । ଚଳିତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଆୟୁଷ୍ମାନ ଭାରତ

ଯୋଜନାର ସଂପ୍ରସାରଣ ସ୍ୱରୂପ ୭୦ବର୍ଷରୁ ଅଧିକ ବୟସ୍କଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବା ଲାଗି ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ ।

## ଗେହଲଟ-ବିଜେପି ଜଏନ୍

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ନେତା କୈଳାସ ଗେହଲଟ ଆଜି ବିଜେପିରେ ଯୋଗ ଦେଇଛନ୍ତି । ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ମନୋହର ଲାଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍‌ଦେବାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି ।

ଗତକାଲି ଶ୍ରୀ ଗେହଲଟ ଆମ୍ ଆଦମୀ ପାର୍ଟିରୁ ଇସ୍ତଫା ଦେଇଥିଲେ । ଦଳର ଆବାହକ ଅରବିନ୍ଦ କେଜରିୱାଲଙ୍କୁ ଲେଖିଥିବା ପତ୍ରରେ ଶ୍ରୀ ଗେହଲଟ ଦର୍ଶାଇଥିଲେ ଯେ ଦଳ ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇଛି । ଦଳ ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି ବୋଲି ସେ କହିଥିଲେ ।

## ଝାଡ଼ଖଣ୍ଡ-ମହାରାଷ୍ଟ୍ର କ୍ୟାମ୍ପେନ୍

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଛି । ଏହି ପର୍ଯ୍ୟାୟରେ ଝାଡ଼ଖଣ୍ଡର ୩୮ଟି ବିଧାନସଭା ଆସନପାଇଁ ମତଗ୍ରହଣ କରାଯିବ । ପ୍ରଚାରର ଆଜି ଶେଷଦିନରେ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍‍ୟାଲି ଏବଂ ରୋଡ୍ ଶୋ'ର ଆୟୋଜନ କରାଯାଇଛି ।

ସେହିପରି ମହାରାଷ୍ଟ୍ରର ୨୮୮ଟି ବିଧାନସଭା ଆସନପାଇଁ ଏକକ ପର୍ଯ୍ୟାୟରେ ଆସନ୍ତା ବୁଧବାର ଦିନ ମତଗ୍ରହଣ କରାଯିବ । ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଥିବାବେଳେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରାଯାଇଛି ।

---

## ନେପାଳ-ଇଣ୍ଡିଆ ବର୍ଡର ସିକ୍ୟୁରିଟି

କାଠମାଣ୍ଡୁରେ ଆଜି ଭାରତ-ନେପାଳ ସୀମା ସୁରକ୍ଷା ସମନ୍ୱୟ ସଂପର୍କିତ ଉଚ୍ଚସ୍ତରୀୟ ବୈଠକ ଆରମ୍ଭ ହୋଇଛି । ଆସନ୍ତା ସୋମବାର ପର୍ଯ୍ୟନ୍ତ ଏହି ବୈଠକ ଚାଲିବ । ବୈଠକରେ ସୀମା ପାର ଅପରାଧ ଏବଂ ଅନ୍ୟ ଦେଶର ନାଗରିକଙ୍କ ଅବୈଧ ପ୍ରବେଶ ରୋକିବା ଉପରେ ବୈଠକରେ ଆଲୋଚନା କରାଯାଉଛି । ନେପାଳ ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଅପରାଧ ନିୟନ୍ତ୍ରଣ ନିମନ୍ତେ ସୂଚନା ଆଦାନ ପ୍ରଦାନ, ରାଜସ୍ୱ ହାନି ଏବଂ ମାଦକ ପଦାର୍ଥ ଓ ମାନବ ଚାଲାଣ ଉପରେ ନିୟନ୍ତ୍ରଣ ସଂପର୍କିତ ପ୍ରସ୍ତାବ ଆଲୋଚନା ପାଇଁ ଉପସ୍ଥାପନ କରିଛି ।

ଭାରତର ସୀମା ସୁରକ୍ଷା ବଳ ମହାନିର୍ଦ୍ଦେଶକ ଅମୃତ ମୋହନ ପ୍ରସାଦ ନେପାଳର ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା କରୁଛନ୍ତି । ବୈଠକରେ ସଶସ୍ତ୍ର ପୋଲିସ୍ ବଳର ମୁଖ୍ୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ଯାଞ୍ଚ୍ ବିଭାଗ, ସର୍ବେକ୍ଷଣ ବିଭାଗ ଏବଂ ବିଦେଶ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଛନ୍ତି ।

ଗତକାଲି ଭାରତୀୟ ପ୍ରତିନିଧି ମଣ୍ଡଳୀ ନେପାଳର ଗୃହମନ୍ତ୍ରୀ ରମେଶ ଲେଖକଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଶ୍ରୀ ଲେଖକ କହିଥିଲେ ସୀମା ପାର୍ କରୁଥିବା ନାଗରିକମାନଙ୍କ ସହ ସୌଜନ୍ୟମୂଳକ ବ୍ୟବହାର କରାଯିବା ଆବଶ୍ୟକ । ଭାରତ ଓ ନେପାଳ ମଧ୍ୟରେ ପାରସ୍ପରିକ ସଂପର୍କ ଦୃଢ଼ ରହିଛି ଏବଂ ଏହି ବୈଠକ ଦ୍ୱାରା ସଂପର୍କ ଆହୁରି ଦୃଢ଼ ହେବ ବୋଲି କୁହାଯାଇଛି ।

---

# ଏସ୍‌ସି-ଗ୍ରାପ୍-୪

ବାୟୁ ପ୍ରଦୂଷଣ ରୋକିବା ନିମନ୍ତେ ତ୍ୱରିତ ଉପାୟ ସ୍ୱରୂପ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସ ପ୍ଲାନ୍‌ର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକାରି କରିବାରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । କୋର୍ଟ କହିଛନ୍ତି ଏହାର ପୂର୍ବ ଅନୁମୋଦନ ବିନା କୌଣସି ପ୍ରତିଷେଧକ ବ୍ୟବସ୍ଥା ହ୍ରାସ କରାଯାଇ ପାରିବ ନାହିଁ । ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ ଉଦ୍‌ବେଗ ଜନକ ସ୍ତରରେ ପହଞ୍ଚିବା ପରେ ମଧ୍ୟ GRAP-4 ଲାଗୁ କରାଯିବାରେ ବିଳମ୍ବ ହେଉଛି । ଖଣ୍ଡପୀଠ କହିଛନ୍ତି ବାୟୁ ଗୁଣାବତ୍ତା ସୂଚକାଙ୍କ ତିନିଶହରୁ ଚାରିଶହ ମଧ୍ୟରେ ପହଞ୍ଚିବା ମାତ୍ରେ ଏହା ପ୍ରୟୋଗ କରାଯିବା ଆବଶ୍ୟକ । ଗତକାଲି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ GRAP-4 ଅଧୀନରେ ଆଜି ସକାଳ ୮ଟାରୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଲାଗୁ କରିବା ଲାଗି ଘୋଷଣା କରିଥିଲା । ଏହା ଅଧୀନରେ ଦିଲ୍ଲୀ ମଧ୍ୟକୁ ଟ୍ରକ୍ ପ୍ରବେଶ ଉପରେ କଟକଣା ସହ ନିର୍ମାଣ କାର୍ଯ୍ୟ ଗୁଡ଼ିକୁ ଅସ୍ଥାୟୀ ରୂପେ ବନ୍ଦ କରାଯିବାର ବ୍ୟବସ୍ଥା ରହିଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟ ବସ୍ତୁ ରହିଛି **'ଡିଜିଟିଲାଲ୍ ଲାଇଫ୍ ସାର୍ଟିଫିକେଟ୍'।** ପେନ୍‌ସନ୍ ଓ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନଗୁପ୍ତା ଏବଂ ଡିଫେନ୍ସ ଆକାଉଣ୍ଟସ୍ ବିଭାଗର ଯୁଗ୍ମ ମହାନିୟନ୍ତ୍ରକ ମୋଲି ସେନ୍‌ଗୁପ୍ତା ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଶ୍ରୋତାମାନେ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ସମ୍ପର୍କିତ ପ୍ରଶ୍ନ ପଚାରିପାରିବେ।

ଏହାଛଡ଼ା ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ **ଆସ୍କ-ଏୟାର** ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

---

## ଶ୍ରୀଲଙ୍କା-ନିଉ କ୍ୟାବିନେଟ୍

ଶ୍ରୀଲଙ୍କାର ନବଗଠିତ ମନ୍ତ୍ରିମଣ୍ଡଳର କ୍ୟାବିନେଟ୍ ମନ୍ତ୍ରୀମାନେ ଆଜି କଲମ୍ବୋସ୍ଥିତ ରାଷ୍ଟ୍ରପତିଙ୍କ ସଚିବାଳୟରେ ଶପଥ ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଉପସ୍ଥିତ ଥିଲେ । ୨୨ ଜଣିଆ କ୍ୟାବିନେଟ୍‌ରେ ବହୁଦିନ ଧରି ରାଜନୀତିରେ ଜଡ଼ିତ

ବ୍ୟକ୍ତି ଏବଂ ପ୍ରତିଭା ସଂପନ୍ନ ବ୍ୟକ୍ତିତ୍ୱଙ୍କୁ ସ୍ଥାନ ଦିଆଯାଇଛି । ଶ୍ରୀଲଙ୍କାର ସମସ୍ୟାଗୁଡ଼ିକୁ ସମାଧାନ କରି ନୂଆ ବିକାଶ ପଥ ପ୍ରସ୍ତୁତ କରିବା ନିମନ୍ତେ ନୂଆ କ୍ୟାବିନେଟ୍ ସଫଳ ହେବ ବୋଲି ଆଶା କରାଯାଉଛି ।

ସୂଚନା ଅନୁଯାୟୀ ଡକ୍ଟର ହରିନୀ ଅମରସୂର୍ଯ୍ୟା ପୂର୍ବ ଭଳି ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବେ ଏବଂ ତାଙ୍କ ଅଧୀନରେ ଶିକ୍ଷା, ଉଚ୍ଚଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ମନ୍ତ୍ରଣାଳୟ ରହିବ । ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ଧନ୍ଦାମୂଳକ ଶିକ୍ଷାକୁ ଜନାଭିମୁଖୀ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଇଛି । ସେହିପରି ବିଜିତା ହେରାଥଙ୍କୁ ବୈଦେଶିକ ବ୍ୟାପାର, ବୈଦେଶିକ ରୋଜଗାର ଏବଂ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ଦିଆଯାଇଛି ।

ଅନ୍ୟ ପ୍ରମୁଖ ମନ୍ତ୍ରୀମାନଙ୍କ ମଧ୍ୟରେ ବିମଳ ରଥ ନାୟକେଙ୍କୁ ପରିବହନ, ରାଜପଥ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଥିବା ବେଳେ ଡକ୍ଟର ନଳିନ୍ଦା ଜୟତିଶାଙ୍କୁ ସ୍ୱାସ୍ଥ୍ୟ ଓ ଗଣମାଧ୍ୟମ ବିଭାଗ ଦାୟିତ୍ୱ ଦିଆଯାଇଛି । କ୍ୟାବିନେଟ୍‌ରେ ସାମିଲ ହୋଇଥିବା ଅନ୍ୟ ମନ୍ତ୍ରୀମାନଙ୍କ ମଧ୍ୟରେ ପ୍ରଫେସର ଚନ୍ଦନା ଅବେରଥନେ, ହର୍ଷନା ନାନାୟକାରା, କେ.ଡି. ଲାଲକଣ୍ଠା, ଆନନ୍ଦ ବିଜେପାଲା ଏବଂ ରାମଲିଙ୍ଗମ୍ ଚନ୍ଦ୍ରଶେଖରଙ୍କୁ ସାମିଲ କରାଯାଇଛି ।

## ଜ୍ୟୋତି ସୁରେଖା – ଗୋଲ୍ଡ

ଜି.ଟି. ଓପନ୍ ଲୁକ୍‌ଜମ୍‌ବର୍ଗରେ ଚାଲିଥିବା ପ୍ରତିଯୋଗିତାର ତୀର ଚାଳନାରେ ଜ୍ୟୋତି ସୁରେଖା ଭେନମ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ପ୍ରଥମଥର ଭାଗ ନେଇଥିବା ଜ୍ୟୋତି ଉନ୍ନତ ପ୍ରଦର୍ଶନ

କରିଛନ୍ତି । ସେ ଗତକାଲି ବେଲ୍‌ଜିୟମ୍‌ର ସାରା ପ୍ରିୟେଲ୍‌ସ ଙ୍କୁ ୧୪୭-୧୪୫ ଅଙ୍କରେ ପରାସ୍ତ କରି ଏହି ପଦକ ହାସଲ କରିଛନ୍ତି ।

ପ୍ରତିଯୋଗିତାରେ ପୁରୁଷ ମିଳିତ ପର୍ଯ୍ୟାୟରେ ଅଭିଷେକ ରୌପ୍ୟ ପଦକ ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ରେ ସେ ୧୫୦ ଅଙ୍କ ହାସଲ କରିଥିଲେ ମଧ୍ୟ ମାତ୍ର ଅଳ୍ପ ବ୍ୟବଧାନରେ ସ୍ୱର୍ଣ୍ଣ ପଦକରୁ ବଂଚିତ ହୋଇଥିଲେ । ନେଦରଲ୍ୟାଣ୍ଡ୍‌ର ମାଇକ୍ ସ୍ଲୁସର୍ ତାଙ୍କୁ ପରାସ୍ତ କରିଥିଲେ ।

---